ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ବିଭାଗ ।

.....

ନଂ. 21833 /ସା.ପ୍ର.     ଭୁବନେଶ୍ୱର,     ତା- 28-9-1995

ପ୍ରେରକ :

ଶ୍ରୀ ରବି ନାରାୟଣ ନାଗ,
ମୁଖ୍ୟ ଶାସନ ସଚିବ ।

ପ୍ରାପ୍ତେଷୁ :

ସମସ୍ତ ବିଭାଗୀୟ ଶାସନ ସଚିବ ।

ବିଷୟ : କାମଚଳା ( *ad-hoc* ) ଭିତ୍ତିରେ ପଦୋନ୍ନତି ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ।

ମହାଶୟ,

ପଦୋନ୍ନତି କ୍ଷେତ୍ରରେ ବିଭାଗୀୟ ପଦୋନ୍ନତି କମିଟିର ସୁପାରିଶ ପାଇବା ପରେ କାଳ ବିଳମ୍ବ ନକରି ଓଡ଼ିଶା ଲୋକସେବା ଆୟୋଗଙ୍କ ସୁପାରିଶ ନିମିତ୍ତ ପ୍ରସ୍ତାବ ପଠାଇବାର ବ୍ୟବସ୍ଥା ବିଭିନ୍ନ ନିଯୁକ୍ତି ନିୟମାବଳୀରେ ରହିଛି । ଓଡ଼ିଶା ଲୋକସେବା ଆୟୋଗଙ୍କ ସୁପାରିଶକୁ ଅପେକ୍ଷା ନକରି କାମଚଳା ପଦୋନ୍ନତି ଦେବା ସମ୍ବନ୍ଧରେ ପୂର୍ବତନ ମୁଖ୍ୟ ଶାସନ ସଚିବଙ୍କ ଅର୍ଦ୍ଧସରକାରୀ ଚିଠି ସଂଖ୍ୟା- 1617/*Gen.* ତା- 20.1.1992 ରେ କେତେକ ନିର୍ଦ୍ଦେଶାବଳୀ ବିଭିନ୍ନ ବିଭାଗକୁ ଜଣାଇ ଦିଆଯାଇଥିଲା । ଏହି ନିର୍ଦ୍ଦେଶାବଳୀରେ ବିଭିନ୍ନ ପଦବୀରେ ଯେଉଁସବୁ ଶୂନ୍ୟସ୍ଥାନ ନିର୍ଦ୍ଦିଷ୍ଟ ଭାବେ ଆଗରୁ ଚିହ୍ନଟ କରିହେବ, ସେ କ୍ଷେତ୍ରରେ ପ୍ରଥମେ ଓଡ଼ିଶା ଲୋକସେବା ଆୟୋଗଙ୍କର ସୁପାରିଶ ଆସିଲା ପରେ ପଦୋନ୍ନତି ଦେବା ଏବଂ କେବଳ କେତେକ ବିଶେଷ କ୍ଷେତ୍ରରେ ହିଁ କାମଚଳା ପଦୋନ୍ନତି ଦେବା ପାଇଁ ନିର୍ଦ୍ଦେଶ ରହିଥିଲା ।

2. ଉପରୋକ୍ତ ନିର୍ଦ୍ଦେଶ ସତ୍ତ୍ୱେ ପଦୋନ୍ନତି କ୍ଷେତ୍ରରେ ପ୍ରାୟତଃ କାମଚଳା ପଦୋନ୍ନତି ଦେଲାପରେ ଠିକ୍ ସମୟରେ ଓଡ଼ିଶା ଲୋକସେବା ଆୟୋଗଙ୍କର ସୁପାରିଶ ଆଣି ଏହି କାମଚଳା ପଦୋନ୍ନତିକୁ ନିୟମିତକରଣ କରାଯାଇ ନଥିବା ଏବଂ ଅଯୌକ୍ତିକ ଭାବେ ଏହି କାମଚଳା ନିଯୁକ୍ତିକୁ ପର୍ଯ୍ୟାୟକ୍ରମେ ବୃଦ୍ଧି କରାଯାଉଥିବାର ଅନେକ ଦୃଷ୍ଟାନ୍ତ ସରକାରଙ୍କର ଦୃଷ୍ଟିକୁ ଆସିଛି । ଏହା ଫଳରେ ନିଯୁକ୍ତି ଓ ପଦୋନ୍ନତି ସମ୍ବନ୍ଧରେ ଥିବା ସାମ୍ବିଧାନିକ ବ୍ୟବସ୍ଥାର ଖିଲାପ କରାଯାଉଥିବା ସୁସ୍ପଷ୍ଟ ।

3. ତେଣୁ ପଦୋନ୍ନତି କ୍ଷେତ୍ରରେ କାମଚଳା ନିଯୁକ୍ତି ଦେବା ସମ୍ବନ୍ଧରେ ନିମ୍ନୋକ୍ତ ନିର୍ଦ୍ଦେଶାବଳୀ ପାଳନ କରିବାପାଇଁ ଏତଦ୍ୱାରା ଅନୁରୋଧ କରାଗଲା ।

(କ) ପଦୋନ୍ନତି କ୍ଷେତ୍ରରେ ବିଭାଗୀୟ ପଦୋନ୍ନତି କମିଟିର ସୁପାରିଶ ଉପରେ ଓଡ଼ିଶା ଲୋକସେବା ଆୟୋଗଙ୍କର ମତାମତ ପାଇଁ ବିହିତ ପ୍ରସ୍ତାବ ପଠାଇବାପରେ ଯଦି ନିତାନ୍ତ ଆବଶ୍ୟକ ଉପଲବ୍ଧି କରାଯାଏ ତେବେ କାମଚଳା ପଦୋନ୍ନତି ପାଇଁ ପ୍ରସ୍ତାବ ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇପାରେ । ଏହି କାମଚଳା ପଦୋନ୍ନତି ବିଭାଗୀୟ ପଦୋନ୍ନତି କମିଟି ସୁପାରିଶ କରିଥିବା ଯୋଗ୍ୟତା

ତାଲିକାରେ ଥିବା ନାମ ମାନଙ୍କର କ୍ରମ ଅନୁସାରେ ହିଁ କେବଳ ଦିଆଯାଇପାରିବ । ବିଭାଗୀୟ ପଦୋନ୍ନତି କମିଟିର ସୁପାରିଶକୁ ପ୍ରତୀକ୍ଷା କରି କିମ୍ବା ଯୋଗ୍ୟତା ତାଲିକା ପ୍ରସ୍ତୁତ କରିବାପାଇଁ ବିଭାଗୀୟ ପଦୋନ୍ନତି କମିଟିର ବୈଠକ ବସିବା ପୂର୍ବରୁ କୌଣସି କାମଚଳା ପଦୋନ୍ନତି ଦିଆଯାଇପାରିବ ନାହିଁ ।

(ଖ) ସମସ୍ତ ଦ୍ୱିତୀୟ ଶ୍ରେଣୀ ବା ତଦୂର୍ଦ୍ଧ୍ୱ ପଦବୀମାନଙ୍କ ପଦୋନ୍ନତି କ୍ଷେତ୍ରରେ ବିଭାଗୀୟ ପଦୋନ୍ନତି କମିଟିର ସୁପାରିଶ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଭ କଲାପରେହିଁ ଲୋକସେବା ଆୟୋଗଙ୍କର ସୁପାରିଶ ପାଇଁ ପ୍ରସ୍ତାବ ପଠାଯିବା ବାଞ୍ଛନୀୟ ।

(ଗ) ତୃତୀୟ ଶ୍ରେଣୀ ବା ସ୍ୱତନ୍ତ୍ରଭାବେ ଘୋଷିତ ଗେଜେଟେଡ୍ ପାହ୍ୟା ପଦବୀ ମାନଙ୍କରେ କାମଚଳା ପଦୋନ୍ନତି ଦିଆଯାଇପାରିବ ନାହିଁ । ଏ କ୍ଷେତ୍ରରେ ନିଯୁକ୍ତି ପ୍ରାଧିକାରୀଙ୍କ ଆଦେଶ ଅନୁସାରେ ଶୂନ୍ୟସ୍ଥାନ ମାନଙ୍କରେ କେବଳ ନିୟମିତ ପଦୋନ୍ନତି ଦିଆଯାଇପାରିବ ।

(ଘ) କେବଳ କେତେକ ଅପ୍ରତ୍ୟାଶିତ ତଥା ବାଧ୍ୟବାଧକ କାରଣକୁ ଛାଡି ଅନ୍ୟ କୌଣସି କ୍ଷେତ୍ରରେ କାମଚଳା ପଦୋନ୍ନତି ଏକବର୍ଷରୁ ଅଧିକ କାଳ ପର୍ଯ୍ୟନ୍ତ ଦିଆଯାଇପାରିବ ନାହିଁ । ତେଣୁ ବର୍ଷକପରେ କାମଚଳା ପଦୋନ୍ନତିର ସମୟସୀମା ପୁନଶ୍ଚ ବୃଦ୍ଧି କରିବାପାଇଁ ପ୍ରସ୍ତାବ ଦେବା ସମୟରେ ପ୍ରଶାସନିକ ବିଭାଗମାନେ କେବେଠାରୁ ସଂପୃକ୍ତ କର୍ମଚାରୀ କାମଚଳା ପଦୋନ୍ନତି ପାଇ ରହିଅଛନ୍ତି ଏବଂ ଏହାର ସମୟ ବୃଦ୍ଧି କରିବାପାଇଁ କେଉଁ କେଉଁ ଯୁକ୍ତିଯୁକ୍ତ କାରଣ ରହିଛି ତାହା ନିର୍ଦ୍ଦିଷ୍ଟଭାବେ ଦର୍ଶାଇବେ ।

(ଙ) ଯଦି ବର୍ତ୍ତମାନ ସୁଦ୍ଧା କୌଣସି କ୍ଷେତ୍ରରେ କାମଚଳା ପଦୋନ୍ନତି ଦିଆଯାଇ ଲୋକସେବା ଆୟୋଗଙ୍କ ସୁପାରିଶ ପାଇଁ ପ୍ରସ୍ତାବ ପଠାଯାଇନାହିଁ, ତେବେ ଆସନ୍ତା ଏକମାସ ମଧ୍ୟ ବିହିତ ପ୍ରସ୍ତାବ ସଂପୃକ୍ତ ବିଭାଗମାନେ ଲୋକସେବା ଆୟୋଗଙ୍କୁ ପଠାଇବେ ।

(ଚ) ତା–31.10.95 ଲିଖ ସୁଦ୍ଧା ସମସ୍ତ ବିଭାଗର ଶାସନ ସଚିବମାନେ ସବୁ କାମଚଳା ପଦୋନ୍ନତି କ୍ଷେତ୍ରରେ ନିୟମିତ ପଦୋନ୍ନତି ନିମିତ୍ତ ଓଡିଶା ଲୋକସେବା ଆୟୋଗଙ୍କ ସୁପାରିଶ ପାଇଁ ପ୍ରସ୍ତାବ ପଠାଯାଇଛି ବୋଲି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଜଣାଇବେ ।

4. ଉପରୋକ୍ତ ନିର୍ଦ୍ଦେଶାବଳୀକୁ ଯଥାଯଥ ଭାବେ ପାଳନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମିତ୍ତ ଏତଦ୍ୱାରା ଅନୁରୋଧ କରାଗଲା ।

ଆପଣଙ୍କର ବିଶ୍ୱସ୍ତ,

ମୁଖ୍ୟ ଶାସନ ସଚିବ ।